କୁହୁକ ଆଇନା

ଚିତ୍ତରଂଜନ ଦାସ

Digitized by PPRACHIN, SOA



Digitized by PPRACHIN, SOA

ସେତେବେଳକୁ ଆଫ୍ରିକା ମହାଦେଶକୁ ଗୋରା ଲୋକମାନେ ଆସି ନଥିଲେ । ଆଫ୍ରିକାରେ କେବଳ କଳା ଲୋକମାନେ ବାସ କରୁଥିଲେ । ସେହି ମହାଦେଶର ସେନ୍ନା ବୋଲି ଗୋଟିଏ ରାଜ୍ୟରେ ସେତେବେଳେ ଜଣେ ଶିକାରୀ ବାସ କରୁଥିଲା । ଦିନେ ଜଙ୍ଗଲକୁ ଶିକାର କରିବାକୁ ଯାଇ ସିଏ ଏକ ବିଚିତ୍ର ଘଟଣାର ସମ୍ମୁଖୀନ ହେଲା । ଶିକାର କରି ବୁଲୁ ବୁଲୁ ଦେଖିବାକୁ ପାଇଲା ଯେ ଗୋଟିଏ ଜାଗାରେ ଗୋଟାଏ ବିରାଟ ଅଜଗର ସାପ ଗୋଟାଏ ହରିଣକୁ ଧରିଛି । ହରିଣର ଦେହ ଉପରେ ସେହି ସାପ ନିଜକୁ ଏକାବେଳେ କଷି କରି ଭିଡ଼ି ରଖିଥାଏ ଓ ହରିଣ ଅଣନିଃଶ୍ୱାସୀ ହୋଇ ମରିଗଲେ ତାକୁ ଗିଳିବ ବୋଲି ଅପେକ୍ଷା କରିଥାଏ । ମାତ୍ର, ଅଜଗରର କବଳରୁ ମୁକୁଳି ବାହାରି ଯିବାପାଇଁ ହରିଣ ବି ଛାଟିପିଟି ହେଉ ହେଉ ତା'ର ଗୋଟିଏ ଶିଙ୍ଘ ଅଜଗରର ବେକ ପାଖରେ ଗଳିଯାଇ ସେ ପାଖକୁ ବାହରି ଯାଇଥାଏ ଏବଂ ବାହାରି ଯାଇ ଏକ ଗଛର ଗଣ୍ଠି ଭିତରେ ଅକଳ ହୋଇ ଲାଖି ଯାଇଥାଏ । ତେଣୁ ବିଚରା ଦୁହେଁ ଅକଳିରେ ପଡ଼ି ଯାଇଥାନ୍ତି ଓ କେହି କାହାରି କବଳରୁ ମୁକ୍ତି ହୋଇ ପାରୁନଥାନ୍ତି ।

ଶିକାରୀକୁ ଦେଖିବା ମାତ୍ରକେ ହରିଣଟି ଭାରି ବିକଳ ହୋଇ କହିଲା, "ହେ ଶିକାରୀ ଭାଇ, ତୁମେ ମୋତେ ଅନୁଗ୍ରହ କରି ଏହି ବିପଦରୁ ଉଦ୍ଧାର କର । ମୁଁ ତ ଏହି ଅଜଗରର କୌଣସି କ୍ଷତି କରୁନଥିଲି । କିନ୍ତୁ ଯଦି ମୁଁ ଆତ୍ମରକ୍ଷା କରି ନଥାନ୍ତି, ତେବେ ଇଏ ମୋତେ କେତେବେଳୁ ଗିଳି ସାରନ୍ତାଣି ।"

ତେଣେ ଅଜଗର ମଧ୍ୟ ସୁ ସୁ ଗର୍ଜନ କରି କହିବାକୁ ଆରମ୍ଭ କଲା, "ନାଇଁ, ନାଇଁ, ତୁମେ ମୋତେ ମୁକୁଳାଇ ଦିଅ । ମୁଁ ହେଉଛି ସାପ ମାନଙ୍କର ରାଜା, ତୁମ ଉପକାରର ଋଣ ମୁଁ ନିଶ୍ଚୟ ଶୁଝିଦେଇ ପାରିବି ।"



Digitized by PPRACHIN, SOA

Digitized by PPRACHIN, SOA

ଶିକାରୀ ଅଜଗରକୁ ହିଁ ସାହାଯ୍ୟ କରିବ ବୋଲି ନିଷ୍ପତ୍ତି କଲା । ଅଜଗରକୁ ମୁକୁଳାଇ ଦେଲେ ସେ ପ୍ରତିଦାନ ରୂପେ କୌଣସି ପୁରସ୍କାର ଅବଶ୍ୟ ପାଇବ । ମାତ୍ର ହରିଣକୁ ସାହାଯ୍ୟ କଲେ ତା'ର କ'ଣ ହେବ ? ଏପରି ଭାବି ସେ ହରିଣକୁ କୁରାଢ଼ିରେ ଚୋଟେ ପକାଇଲା ଓ ଅଜଗରକୁ ମୁକ୍ତ କରିଦେଲା ।

ଅଜଗର କୃତଜ୍ଞତା ପ୍ରକାଶ କରି କହିଲା, "ତୁମେ ଅମାବାସ୍ୟା ଦିନ ଏଠାକୁ ଆସିବ । ସେତେବେଳକୁ ମୁଁ ହରିଣକୁ ଗିଳି ହଜମ କରି ସାରିଥିବି ଏବଂ ସେତେବେଳେ ମୁଁ ମୋର ପ୍ରତିଜ୍ଞା ରକ୍ଷା କରି ତୁମକୁ ତୁମର ପୁରସ୍କାର ଦେବି ।"

ହରିଣର ସେତେବେଳକୁ ପ୍ରାଣବାୟୁ ଉଡ଼ିଯିବାକୁ ବସିଥାଏ । ତଥାପି ଅନେକ ଚେଷ୍ଟା କରି ସେ ଏତିକି କହି ପାରିଲା, "ହଁ ତୁମେ ପୁରସ୍କାର ନିଶ୍ଚୟ ପାଇବ । ମାତ୍ର ସେହି ପୁରସ୍କାର ତୁମ ଲାଗି ଓ ତୁମ ଜାତିଭାଇଙ୍କ ଲାଗି ଏକ ବୃହତ୍ ବିପର୍ଯ୍ୟୟ ଡାକି ନେଇ ଆସିବ ।"

ଏତକ କହି ସାରି ହରିଣ ମରିଗଲା । ଅଜଗର ତାକୁ ଗିଳିବାକୁ ଆରମ୍ଭ କଲା । ତେଣେ ଶିକାରୀ ମଧ୍ୟ ତା' ଘରକୁ ଫେରିଗଲା ।

Digitized by PPRACHIN, SOA

Digitized by PPRACHIN, SOA

ଅମାବାସ୍ୟା ବେଳକୁ ଶିକାରୀ ପୁଣି ସେଠାକୁ ଫେରି ଆସିଲା । ସେତେବେଳକୁ ହରିଣକୁ ହଜମ କରି ସାରି ଅଜଗର ଠିକ୍ ନିଦ ଭାଙ୍ଗି ଉଠୁଥାଏ ।

ଅଜଗର ଶିକାରୀକୁ କହିଲା, "ମୋ ସାଙ୍ଗରେ ସାପମାନଙ୍କର ରାଜ୍ୟକୁ ଚାଲ । ସେଠି ମୁଁ ତୁମକୁ ମୋର ସବୁଯାକ ଧନସମ୍ପତ୍ତି ଦେଖାଇବି । ସେଥିଭିତରୁ ତୁମେ ଯେଉଁଟିକୁ ମନ କରିବ, ସେଇଟିକୁ ସାଙ୍ଗରେ ଆଣି ପାରିବ ।"

ତା'ପରେ ସେମାନେ ଗହନ ଜଙ୍ଗଲ ଭିତରେ ପ୍ରବେଶ କଲେ । ଶେଷକୁ ସେମାନେ ଗୋଟିଏ ଗାତର ମୁହଁ ପାଖରେ ଆସି ପହଞ୍ଚିଲେ, ସେଇବାଟେ ପାତାଳ ଭିତରକୁ ରାସ୍ତା ପଡ଼ିଥାଏ । ସାପରାଜା ଶିକାରୀକୁ କହିଲା, "ତୁମେ ମୋର ଲାଞ୍ଜକୁ କଷି କରି ଧରିଥିବ । ମୁଁ ଆଗେ ଆଗେ ଯିବି । ତୁମେ ମୋ ପଛରେ ଟାଣି ହୋଇ ଚାଲି ଯାଉଥିବ ।"

ଏହିପରି ଭାବରେ ବହୁତ ବାଟ ଯିବାକୁ ପଡ଼ିଲା । ଚାରିଆଡ଼ କିଟିକିଟି ଅନ୍ଧାର ହୋଇ ରହିଥାଏ ।

Digitized by PPRACHIN, SOA

Digitized by PPRACHIN, SOA

ହଠାତ୍ ଗୋଟାଏ ଜାଗାରେ ସେମାନେ ଆଲୁଅରେ ଆସି ପହଞ୍ଚି ଗଲେ। ସିଏ ପ୍ରକୃତରେ କେଡ଼େ ସୁନ୍ଦର ରାଜ୍ୟଟିଏ, – ଚାରିଆଡ଼େ ସବୁଜଘାସ ଚକ୍‌ଚକ୍ ଦେଖା ଯାଉଛି, ସେହି ଘାସ ଉପରେ ଗାଈ, ମେଣ୍ଢା ଓ ଛେଳିମାନେ ମନ ଆନନ୍ଦରେ ଚରିବାରେ ଲାଗିଛନ୍ତି। ଖଣ୍ଡେ ଦୂରରେ ପଥରରେ ତିଆରି ହୋଇଥିବା ଧାଡ଼ି ଧାଡ଼ି ଘର, ସୁନା ଆଉ ଝଲେଇ ଲୁହାରେ ସେହି ଘର ଛଡ଼ଗୁଡ଼ିକ ଆଖି ଝଲସେଇ ଦେଉଛି। ଶିକାରୀ ବିହ୍ୱଳ ହୋଇ ଅଜଗର ଆଡ଼କୁ ଅନାଇ ଦେଲା ବେଳକୁ ସିଏ ଏକ ସୁନ୍ଦର ପୁରୁଷକୁ ଦେଖିବାକୁ ପାଇଲା। ପୁରୁଷ ଜଣକ ସାପ ଚମର ପୋଷାକ ପିନ୍ଧିଥାନ୍ତି, ତାଙ୍କର ବେକ ଓ ବାହୁରେ ଖାଣ୍ଟି ସୁନାର ଅଳଙ୍କାରମାନ କେଡ଼େ ସୁନ୍ଦର ଦେଖା ଯାଉଥାଏ।

ପୁରୁଷ କହିଲେ, "ମୁଁ ହେଉଛି ଏହି ରାଜ୍ୟର ରାଜା। ସେଠି ପୃଥିବୀରେ ତୁମେ ମୋତେ ଅଜଗର ରୂପରେ ଦେଖିଥିଲ। ଏଠି ମୋ' ନିଜ ରାଜ୍ୟରେ ମୁଁ ମନୁଷ୍ୟର ରୂପ ଧାରଣ କରି ରହିଥାଏ। ମୋ ସାଙ୍ଗରେ ଆସ, ମୁଁ ତୁମକୁ ମୋ ରାଜ୍ୟର ବିସ୍ମୟ ଗୁଡ଼ିକ ସହିତ ପରିଚିତ କରାଇ ଦେବି।"

ବାଟରେ ଯାଉ ଯାଉ ସେମାନେ କେତେ କେତେ ମନୁଷ୍ୟଙ୍କୁ ଦେଖିଲେ। ସେହି ଲୋକମାନଙ୍କ ଭିତରୁ କିଏ ଗାଧୋଉ ଥାଏ, କିଏ ନଉକାରେ ବିହାର କରୁଥାଏ, ପୁଣି କେଉଁମାନେ ମାଛ ବି ଧରୁଥାନ୍ତି। କ୍ଷେତ ଓ ବଗିଚାମାନେ ଫସଲ ଓ ଫଳରେ ଭର୍ତ୍ତି ହୋଇ ରହିଥାଏ। ଲୋକମାନେ ଗୀତ ଗାଇ ଗାଇ ସେମାନଙ୍କ ପାଖକୁ ଆସୁଥାନ୍ତି, କିଏ ସୁରା ନେଇ ଆସୁଥାଏ, ଆଉ କିଏ ପଇଡ଼ର ଜଳ ଆଣି ଯୋଗାଇ ଦେଉଥାଏ।

Digitized by PPRACHIN, SOA

Digitized by PPRACHIN, SOA



ଏହିପରି ଯାଉ ଯାଉ ସେମାନେ ସହରରେ ଯାଇ ପହଞ୍ଚିଗଲେ। ରାସ୍ତାର ଧୂଳି ମଧ୍ୟ ସେଠାରେ ସୁନା ପରି ଦେଖାଯାଉଛି – ମଣିଷ ସେହି ସହରରେ ଯାହା ଚାହିଁବ, ସଙ୍ଗେ ସଙ୍ଗେ ପାଇ ପାରିବ। ଆଦୌ କୌଣସି ଜିନିଷର ଅଭାବ ରହିବ ନାହିଁ। ସେଦିନ ରାତିରେ ଶିକାରୀର ସମ୍ମାନରେ ଏକ ଭୋଜୀର ଆୟୋଜନ ହେଲା, କେତେ ଦାସୀ ଓ ପରିଚାରିକା ତା'ର ଚର୍ଚ୍ଚା କରିବାକୁ ଆସିଲେ।

ସାପ ରାଜା କହିଲେ, "କାଲି ତୁମେ ନିଜର ଇଚ୍ଛା ଅନୁସାରେ ନିଜର ପୁରସ୍କାରଟିକୁ ବାଛି ନେବ। ଏହି ସବୁ ଧନ ସମ୍ପଦରୁ ତୁମେ ଯାହା ଇଚ୍ଛା କରିବ, ମୁଁ ତୁମକୁ ଅବଶ୍ୟ ତାହା ପ୍ରଦାନ କରିବି।"

Digitized by PPRACHIN, SOA

Digitized by PPRACHIN, SOA



ସେଦିନ ରାତିରେ ଶିକାରୀ ତା' ବେକରେ ଝୁଲୁଥିବା ତୃଣରେ ତିଆରି ହୋଇଥିବା ମୁଣିଟିକୁ ଫଟାଇଲା। ମୁଣି ଭିତରେ ଦେବତା ରହୁଥିଲେ। ଦେବତା ହେଉଛନ୍ତି ସର୍ବଜ୍ଞ, ସବୁ ପ୍ରଶ୍ନର ଉତ୍ତର ଦେଇପାରିବେ। ଶିକାରୀର ଜାତି ଭାଇ ସମସ୍ତେ ସକଳ ପ୍ରଶ୍ନ ସେହି ଦେବତାଙ୍କୁ ହିଁ ପଚାରୁଥିଲେ। ସେହି ଦେବତା କାଳକାଳରୁ ସେମାନଙ୍କୁ ସାହାଯ୍ୟ କରି ଆସୁଥିଲେ, ବୁଦ୍ଧି ବତାଇ ଦେଉଥିଲେ।

ଶିକାରୀ ଦେବତାଙ୍କୁ ପଚାରିଲେ, "ହେ ଠାକୁର, କାଲି ସାପ ରାଜାକୁ ମୁଁ କ'ଣ ମାଗିବି ମୋତେ କହିଦିଅ।"

"ତାଙ୍କୁ ତୁ ତାଙ୍କ କୁହୁକ ଆଇନାଟିକୁ ମାଗିବୁ।" ଦେବତା ଉତ୍ତର ଦେଇ କହିଲେ, "ତୁ ବାରମ୍ବାର କେବଳ ସେଇ ଆଇନାଟିକୁ ମାଗିବୁ। ସେହି ଆଇନା ହେଉଛି ଇଚ୍ଛା ପୂରଣ ଆଇନା। ତୁମେ ତା' ପାଖରେ ଯାହା ଇଚ୍ଛା କରିବ, ତତ୍‌କ୍ଷଣାତ୍ ତାହାର ପୂରଣ ହୋଇଯିବ। ରଜା ସେଇଟିକୁ ଦେବା ଲାଗି ଆଦୌ ରାଜି ହେବେ ନାହିଁ। ତେବେ, ତୁ ତହିଁ ଆରଦିନ ପୁଣି ସେଇଟିକୁ ହିଁ ମାଗିବୁ। ସେ ଦିନ ମନା କଲେ ତହିଁ ଆରଦିନ ପୁଣି ମାଗିବୁ। ଏମିତି ଦିନ ପରେ ଦିନ ମାଗୁଥିବୁ। ଶେଷରେ ସାପରଜାକୁ ରାଜି ହେବାକୁ ପଡ଼ିବ। କାରଣ ତୁ ତା'ର ଜୀବନ ରକ୍ଷା କରିଛୁ। ତେଣୁ ତାକୁ ତୋର ମାଗିବା ଜିନିଷ ଅବଶ୍ୟ ଦେବାକୁ ପଡ଼ିବ।"

Digitized by PPRACHIN, SOA

Digitized by PPRACHIN, SOA



ଠାକୁର ଯେମିତି କହିଥିଲେ, ଶିକାରୀ ଠିକ୍ ସେହିଭଳି କଲା । ଦିନ ପରେ ଦିନ କେବଳ ଆଇନାଟିକୁ ମାଗିଲା । ସାପରାଜା ଅମଙ୍ଗ ହେଉଥାନ୍ତି । ମାତ୍ର ଶେଷକୁ ତାଙ୍କୁ ରାଜି ହେବାକୁ ପଡ଼ିଲା ଓ ଲୁହ ଛଳଛଳ ଆଖିରେ ସେ ଶିକାରୀକୁ କହିଲେ, "ମୋ' ପାଇଁ ଯାହା ପୃଥିବୀରେ ସବୁ ଠାରୁ ଅଧିକ ମୂଲ୍ୟବାନ, ତୁମେ ଠିକ୍ ସେହି ଜିନିଷଟିକୁ ମାଗିବ ବୋଲି ମୁଁ ମୋଟେ ଭାବି ନଥିଲି । ତଥାପି ତୁମକୁ ମୁଁ ଏହି ଜନିଷଟିକୁ ଦେଉଛି । ଏହି ଆଇନାଟିକୁ ନିଅ । ତାକୁ କହ ସିଏ ତମକୁ ତୁମ ରାଜ୍ୟରେ ନେଇ ପହଞ୍ଚାଇ ଦେଉ ।"

କୁହୁକ ଆଇନା ଶିକାରୀକୁ ନେଇ ତା ରାଜ୍ୟରେ ପହଞ୍ଚାଇ ଦେଲା । ଚାରି ପାଖରେ ଖାଲି ଘଞ୍ଚ ଅରଣ୍ୟ । ଏହି ଅରଣ୍ୟ ଭିତରୁ ସିଏ ନିଜ ଘରକୁ କିଭଳି ବା ବାଟ ପାଇଥାନ୍ତା । ତେଣୁ ପୁଣି ଆଇନାଟିକୁ ଧରି କହିଲା "ନାଇଁ, ମୋତେ ଏକାବେଳକେ ମୋ ଘର ପାଖକୁ ନେଇଯାଅ ।"

Digitized by PPRACHIN, SOA



Digitized by PPRACHIN, SOA

ସିଧା ସେ ନିଜ ଘର ପାଖରେ ଯାଇ ପହଞ୍ଚିଗଲା । ତା'ର ସ୍ତ୍ରୀ ଓ ଝିଅ ସେତେବେଳକୁ ତା'ର ମୃର୍ତ୍ତ୍ୟୁକ ପାଳନ କରୁଥାନ୍ତି । ସେମାନେ ଧରି ନେଇଥିଲେ ଯେ ସିଏ ନିଶ୍ଚୟ ବନରେ ସିଂହ ହାବୁଡ଼ରେ ପଡ଼ିଲା ଓ ସିଂହ ହାତରେ ତା'ର ପ୍ରାଣଗଲା ।

ଆରଦିନ ଶିକାରୀଟି ଆଇନାକୁ ହାତରେ ଧରି କହିଲା, ଏଠି ଗୋଟାଏ ବଡ଼ ସହର ବସାଇ ଦିଅ । ଠିକ୍ ସାପରାଜାର ସହର ପରି ଗୋଟିଏ ସହର । ସେହି ସହରରେ ମୁଁ ନିଜେ ରଜା ହୋଇ ରହିବି ।"

ତତ୍‌କ୍ଷଣାତ୍ ଜାମ୍ବେଜୀ ନଦୀ କୂଳରେ ଗୋଟିଏ ବୃହତ୍ ସହର ନିର୍ମିତ ହୋଇଗଲା । ଘର ସବୁ ପଥରରେ ତିଆରି, ଛାତ ମାନଙ୍କରେ ସୁନା ଓ ଝଳେଇ ଲୁହାର ପାତ ସବୁ ଝଲସି ଉଠୁଥାଏ । ଲୋକମାନଙ୍କର ଘର ଧନ ସମ୍ପତ୍ତିରେ ପୂରିଗଲା । ସେମାନେ କେଡ଼େ ଆନନ୍ଦରେ ଶିକାରୀକୁ ହିଁ ନିଜର ରଜା ବୋଲି ଗ୍ରହଣ କଲେ ।

ଏହିସବୁ ବିସ୍ମୟକାରୀ ଘଟଣାକୁ ସିଏ କିପରି ସମ୍ଭବ କରି ପାରିଲା, ତା'ର ସ୍ତ୍ରୀ ଓ ଝିଅ ତାହାର ରହସ୍ୟ ଜାଣିବାକୁ ଭାରି ଇଚ୍ଛା କଲେ । ମାତ୍ର, ଦୀର୍ଘ ଅନେକ ଦିନ ପର୍ଯ୍ୟନ୍ତ ସିଏ ସେମାନଙ୍କର ପ୍ରଶ୍ନକୁ ଟାଳିଦେବାକୁ ଲାଗିଲା । ରହସ୍ୟ ଫିଟାଇ ଆଦୌ କିଛି କହିଲା ନାହିଁ । କିନ୍ତୁ ଶେଷକୁ ନିଜର ଝିଅକୁ ଡାକି କୁହୁକ ଆଇନାକୁ ତା' ଆଗରେ ଦେଖାଇଲା ଓ ସବୁକଥା କହିଦେଲା । ତା'ପରେ ପୁଣି କହିଲା, "ଝିଅ, ମୁଁ ଭାବୁଛି, ଏହି ଅମୂଲ୍ୟ ସମ୍ପଦଟି ତୋ'ରି ପାଖରେ ହିଁ ନିରାପଦ ହୋଇ ରହି ପାରିବ । ମୋ' ପାଖକୁ ତ କେତେ କେତେ ମଣିଷ ଆସୁଛନ୍ତି । ମାତ୍ର ତୋ' ପାଖରୁ ଏଇଟିକୁ କେହି ଚୋରି କରି ନେଇଯାଇ ପାରିବେ ନାହିଁ । ତେଣୁ ଏଇଟି ତୋ' ପାଖରେ ଥାଉ । ତୁ ଏଇଟିକୁ ଭଲ କରି ଲୁଚାଇ ରଖିଥିବୁ । କାହାକୁ କିଛି କହିବୁ ନାହିଁ ।" ଝିଅ ସେହି କୁହୁକ ଆଇନାକୁ ନିଜ ତକିଆ ତଳେ ନେଇ ଲୁଚାଇ ରଖିଲା । ଏବଂ ତା'ପରେ ବହୁତ ବର୍ଷ ପର୍ଯ୍ୟନ୍ତ ସେମାନେ ସୁଖରେ ରହିଲେ ।

Digitized by PPRACHIN, SOA



Digitized by PPRACHIN, SOA



କ୍ରମେ ଶିକାରୀ ବୁଢ଼ା ହୋଇଗଲା । ତା'ର ବାଳ ପାଚି ଝୋଟ ପରି ଧଳା ଦିଶିଲା । ସେତିକି ବେଳକୁ ଗୋରା ଲୋକମାନେ ତା' ରାଜ୍ୟରେ ଆସି ପହଞ୍ଚିଲେ । ରାଜ୍ୟଟାକୁ ଜୟ କରି ନେବାକୁ ସେମାନେ ଭୟଙ୍କର ଯୁଦ୍ଧ ଆରମ୍ଭ କରିଦେଲେ । ମାତ୍ର, ତଥାପି ପାରିଲେ ନାହିଁ । କୁହୁକ ଆଇନା ହିଁ ରାଜ୍ୟବାସୀଙ୍କୁ ରକ୍ଷା କରୁଥାଏ । ଗୋରାମାନେ ବାରବାର ଆସୁଛନ୍ତି, ଯୁଦ୍ଧ କରୁଥାନ୍ତି, ମାତ୍ର ପରାସ୍ତ ହୋଇ ବାରବାର ସମୁଦ୍ର ଉପକୂଳ ଆଡ଼କୁ ଫେରି ଯାଉଥାନ୍ତି ।

କଳାମାନେ ଯେ ଯୁଦ୍ଧରେ ସବୁଥରେ ବିଜୟ ଲାଭ କରୁଛନ୍ତି ଓ ମୋଟେ ପରାସ୍ତ ହେଉ ନାହାନ୍ତି, ତାହାର ରହସ୍ୟ ଜାଣିବା ଲାଗି ଗୋରା ଲୋକଙ୍କର ରଜା ନିଜର ଜଣେ ବିଶ୍ୱସ୍ତ ଚରକୁ ଏହି ରାଜ୍ୟକୁ ପଠାଇଲେ । ଚରଟି ଛିଣ୍ଡା ଲୁଗା ପିନ୍ଧି ଜଣେ ଦରିଦ୍ର ବ୍ୟକ୍ତିର ବେଶ ଧରି ଶିକାରୀ ପାଖରେ ଆସି ପହଞ୍ଚିଲା ଏବଂ କହିଲା, "ଆଜ୍ଞା, ମୋ' ପ୍ରତି ଦୟା କରନ୍ତୁ । ମୋର ନିଜର ବୋଲି କୌଣସି ଘର ନାହିଁ । ମୋ ରାଜ୍ୟର ରଜା ମୋତେ ରାଜ୍ୟରୁ ବାହାର କରି ଦେଇଛନ୍ତି, ବର୍ତ୍ତମାନ ମୁଁ ଜଙ୍ଗଲ ଭିତରେ ବୁଲି ବହୁତ କଷ୍ଟ ପାଉଛି । କାରଣ, ମୁଁ ତାଙ୍କ କଥା ମାନି ଆପଣଙ୍କ ବିରୋଧରେ ଯୁଦ୍ଧ କରିବାକୁ ରାଜି ହେଲି ନାହିଁ । ଏଇ ସମଗ୍ର ଜାୟେଜୀ ଅଞ୍ଚଳଟା ହେଉଛି ଆପଣଙ୍କର । ଆପଣଙ୍କୁ ପୁଣି କିଏ ଯୁଦ୍ଧରେ ପରାସ୍ତ କରିପାରିବ ?

ବୃଦ୍ଧ ଶିକାରୀ ଗୋରା ଲୋକଟିର କଥାରେ ବିଶ୍ୱାସ କରି ପକାଇଲେ ଓ ତାକୁ ଦୟା କଲେ । ତାକୁ ରହିବା ପାଇଁ ଘର ଦେଲେ, ତା' ପାଇଁ ଭୋଜନର ଯୋଗାଡ଼ କରିଦେଲେ ।

Digitized by PPRACHIN, SOA

Digitized by PPRACHIN, SOA

ମାତ୍ର, ମଣିଷଟି ଶିକାରୀର ଝିଅ ସହିତ ମିଛ ପ୍ରେମ କରିବାକୁ ଆରମ୍ଭ କରିଦେଲା ଏବଂ ତା'ର ମନକୁ ଭୁଲାଇନେଲା । ଝିଅଟି ସେଇ ଫାନ୍ଦରେ ପଡ଼ିଯିବା ପରେ ଦିନେ ତାକୁ କୁହୁକ ଆଇନାଟିର କଥା ମଧ୍ୟ କହିଦେଲା । ଖାଲି ସେତିକି ନୁହେଁ, ଆଇନାଟି କେଉଁଠାରେ ଗୁପ୍ତରେ ରହିଛି, ସେହି ଜାଗାଟିକୁ ମଧ୍ୟ ଦେଖାଇ ଦେଲା ।

ଗୋରା ମଣିଷଟି ଆଇନାଟିକୁ ହାତରେ ଧରି କହିଲା, "ଆଇନା, ତୁ ମୋତେ ଏହିକ୍ଷଣି ଗୋରା ରାଜ୍ୟର ରାଜାଙ୍କ ପାଖରେ ନେଇ ପହଞ୍ଚାଇଦେ ।" ଏବଂ ସଙ୍ଗେ ସଙ୍ଗେ ସିଏ କୁଆଡ଼େ ଅଦୃଶ୍ୟ ହୋଇଗଲା ।

Digitized by PPRACHIN, SOA

Digitized by PPRACHIN, SOA

ଗୋରା ଲୋକମାନେ ସହର ଉପରେ ପୁନର୍ବାର ଆକ୍ରମଣ କରିବାକୁ ଆସିଲେ ଏବଂ ବୁଢ଼ା ଶିକାରୀ ନିଜ ଝିଅକୁ ଡ଼ାକି କହିଲା।

"ଝିଅ, ସେହି କୁହୁକ ଆଇନାଟିକୁ ଦେଲୁ! କାରଣ ଗୋରା ଲୋକମାନେ ପୁଣି ଆସିଲେଣି। ପାଚେରୀ ଭାଙ୍ଗି ସହର ଭିତରକୁ ପଶିଯିବେ ବୋଲି ଚେଷ୍ଟା କରୁଛନ୍ତି।"

ଝିଅ କାନ୍ଦି କାନ୍ଦି ଉତ୍ତର ଦେଲା, ବାପା, "ସେଇ ଗୋରା ମଣିଷଟା ମୋ' ସହିତ ବିଶ୍ୱାସ ଘାତକତା କଲା ଓ ଆଇନାଟିକୁ ଚୋରାଇ ନେଇଗଲା। ମୁଁ ଅଲକ୍ଷଣୀ ପ୍ରକୃତରେ ନିଜେ ବିପଦକୁତ ଡାକି ଆଣିଲି!"

ଏକଥା ଶୁଣି ବୁଢ଼ା ଶିକାରୀ ପୁଣି ନିଜର ଝୁଲିକୁ ଫିଟାଇ ତା' ଭିତରେ ଥିବା ଠାକୁରଙ୍କୁ ପଚାରିଲା, "ବର୍ତ୍ତମାନ ମୁଁ କି ଉପାୟ କରିବି ମୋତେ କୁହ!"

"ବର୍ତ୍ତମାନ ଆଉ କୌଣସି ଉପାୟ ନାହିଁ", – ଦେବତା ଉତ୍ତର ଦେଲେ। କାରଣ, ମରିବା ଆଗରୁ ହରିଣ ତୋତେ ଯାହା କହିଥିଲା, ତୋର ମନେ ନାହିଁ? ବର୍ତ୍ତମାନ ତା'ରି କଥା ସତ ହେବାକୁ ଯାଉଛି।"

ଠାକୁରଙ୍କ କଥା ଶୁଣି ଶିକାରୀ ଅତ୍ୟନ୍ତ କାତର ହୋଇ କହିବାକୁ ଲାଗିଲା, "ମୁଁ ଆଣିଥିବା ପୁରସ୍କାର ବର୍ତ୍ତମାନ ମୋ'ର ଓ ମୋ' ରାଜ୍ୟର ଲୋକମାନଙ୍କର ସର୍ବନାଶ କରାଇବ। ଶେଷକୁ ଏଇକଥା ଘଟିବାର ଥିଲା?"

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA



Digitized by PPRACHIN, SOA

ଗୋରା ଲୋକମାନେ ଏଥର ଜୟଲାଭ କଲେ। ପାଚେରୀ ଭାଙ୍ଗି ସହର ଭିତରକୁ ପଶିଆସିଲେ। ଶିକାରୀକୁ ହତ୍ୟା କଲେ, ରାଜ୍ୟର ଅନେକ ମଣିଷଙ୍କୁ ମଧ୍ୟ ହତ୍ୟା କଲେ। ଯେଉଁମାନେ ବାକୀ ରହିଲେ, ସେମାନଙ୍କୁ ଆପଣାର ଦାସ କରି ରଖିଲେ ଏବଂ ସେହି ଦିନଠାରୁ କଳା ଲୋକେ ଖାଲି ହାରିବାରେ ଲାଗିଛନ୍ତି, ଗୋରା ଲୋକେ ଜିତୁଛନ୍ତି। କଳାମାନେ ଗୋରା ଲୋକଙ୍କର ଦାସ ହୋଇ ରହିଛନ୍ତି। ଗୋରାମାନେ ପୃଥିବୀର ମାଲିକ ହୋଇ ରହିଛନ୍ତି। କାରଣ, କୁହୁକ ଆଇନାଟି ବର୍ତ୍ତମାନ ସେହିମାନଙ୍କ ପାଖରେ ଯାଇ ରହିଛି।

(ରୁଆଣ୍ଡା, ଆଫ୍ରିକା)



Digitized by PPRACHIN, SOA



କୁହୁକ ଆଇନା

ଲେଖକ : ଚିରଞ୍ଜନ ଦାସ, ରେଖାଚିତ୍ର:ଜଗବନ୍ଧୁ ଦାସ, ପ୍ରକାଶକ : ଶିକ୍ଷାସନ୍ଧାନ, ଏନ୍.ଡ଼ି.-୭, ଭି.ଆଇ.ପି. ଏରିଆ, ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର-୧୫, ସହାୟତା : ଏସ୍.ଡି.ଟି.ଟି, ପ୍ରକାଶନ କାଳ:୨୦୧୩, ମୁଦ୍ରଣ : ବିଶ୍ୱରୂପା, ବରମୁଣ୍ଡା, ଭୁବନେଶ୍ୱର

ଶିକ୍ଷାସନ୍ଧାନ
ଭୁବନେଶ୍ୱର
Sikshasandhan
Bhubaneswar

SDTT

Digitized by PPRACHIN, SOA